ଧରିତ୍ରୀ
DHARITRI
ରବିବାର, ୧୬ ଜାନୁୟାରୀ, ୨୦୨୨



## ବଡଭାଇଙ୍କ ଗାଳି ଯୋଗୁ ଘର ଛାଡ଼ି ସାନ ନିଖୋଜ

ମାଲକାନଗିରି, (ଡି.ଏନ୍.ଏ.)- କରୋନା ତୃତୀୟ ଲହର ଓ ଓମିକ୍ରମ ବୃଦ୍ଧିକୁ ନେଇ ରାଜ୍ୟ ସରକାର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛୁଟି କରିଛନ୍ତି। ନିଜ ଘରେ ଛାତ୍ରଛାତ୍ରୀମାନେ ଅନ୍‌ଲାଇନ ଶିକ୍ଷା ଗ୍ରହଣ ପାଇଁ ବ୍ୟବସ୍ଥା କରାଯାଇଛି। ତେବେ ଜଣେ ଛାତ୍ର ମୋବାଇଲରେ ଅନ୍‌ଲାଇନ ଶିକ୍ଷା ଗ୍ରହଣ ନ କରି ଫୋନ ଯୋଗେ ଅନ୍ୟମାନଙ୍କ ସହ ବାର୍ତ୍ତାଳାପ କରୁଥିବାରୁ ବଡଭାଇ ଆକଟ କରିଥିଲେ। ଏହାକୁ ନେଇ ସାନଭାଇ ଜଣକ ଗତ ୧୨ରୁ ଘର ଛାଡ଼ି ନିଖୋଜ ହୋଇଯାଇଛନ୍ତି। ଏନେଇ ମାଲକାନଗିରି ଥାନାରେ ଅଭିଯୋଗ ହୋଇଛି। ଘଟଣାଟି ଘଟିଛି ମାଲକାନଗିରି ଥାନା ଏମଭି-୭ର ଜଗନ୍ନାଥପାଲି ଗ୍ରାମରେ। ଗ୍ରାମର ଅନିଲ ବିଶ୍ୱାସଙ୍କ ଅଭିଯୋଗ ଅନୁସାରେ ମାମଲା ରୁଜୁ ହୋଇଛି। ପୋଲିସ କେସ୍ ନଂ. ୨୩/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ସଂକ୍ଷେପରେ

## ଟିପ୍ପର୍-ପିକ୍‌ଅପ ଦୁର୍ଘଟଣା, ଜଣେ ମୃତ

ବିଷମକଟକ,୧୫।୧(ଡି.ଏନ୍.ଏ.)-ରାୟଗଡ଼ା ଜିଲା ବିଷମକଟକ ଥାନା ଅଧୀନ ସାନ ସାର୍ତ୍ତୋଲି ଛକ ନିକରେ ଶନିବାର ଏକ ଟିପର୍‌କୁ ଏବଂ ଗୋରୁ ବୋଝେଇ ପିକ୍‌ଅପ ମଧ୍ୟରେ ଦୁର୍ଘଟଣା ଘଟି ପିକ୍‌ଅପ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିଷମକଟକ ବ୍ଲକ ପୁରିକୋଣ ଗ୍ରାମର ରୁବେନ କୁସୁଲିୟା(୫୦)। ସୂଚନା ଅନୁଯାୟୀ, ମୁନିଗୁଡାରୁ ସାର୍ତ୍ତୋଲି ଯାଉଥିବା ଏକ ଟିପର୍‌କୁ ସାର୍ତ୍ତୋଲି ଛକ ନିକଟରେ ଦ୍ରୁତଗତିରେ ଆସୁଥିବା ପିକ୍‌ଅପ ଧକ୍କା ଦେଇଥିଲା। ଏଥିରେ ପିକ୍‌ଅପ ଚାଳକ ଏବଂ ହେଲ୍‌ପର ଗୁରୁତର ହୋଇଥିଲେ। ବିଷମକଟକ ପୋଲିସ ପହଞ୍ଚି ଉଭୟ ଚାଳକ ଓ ହେଲ୍‌ପରଙ୍କୁ ଉଦ୍ଧାର କରି ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ଚାଳକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଥିଲା। ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ହେଲ୍‌ପର ହରିଧର ଗୌଡ଼ଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କାରାଯାଇଛି। ପୋଲିସ ଦୁଇ ଗାଡ଼ି ଜବତ କରି ତଦନ୍ତ ଚଳାଇଥିବା ବିଷମକଟକ ଥାନାଧିକାରୀ ସୁବାଷ ଚନ୍ଦ୍ର କର୍କରା ସୂଚନା ଦେଇଛନ୍ତି।

## ବିପର୍ଯ୍ୟସ୍ତ ଡ୍ରେନେଜ୍ ବ୍ୟବସ୍ଥା, ସ୍ୱଳ୍ପ ବର୍ଷାରେ ଜମୁଛି ପାଣି

ଝରିଗାଁ, ୧୫।୧(ସ୍ୱ.ପ୍ର.)- ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦର ମହକୁମାରେ ଡ୍ରେନେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ। ତେଣୁ ସାମାନ୍ୟ ବର୍ଷାରେ ମଧ ପାଣି ଜମି ରହୁଛି। ବସ୍‌ଷ୍ଟାଣ୍ଡରେ ରହିଥିବା ଦୋକାନୀମାନେ ବିଶେଷ ଅସୁବିଧା ଭୋଗୁଛନ୍ତି। ସ୍ୱଳ୍ପ ବର୍ଷା ହେଲା ମାତ୍ରେ ଡ୍ରେନ୍‌ରେ ପାଣି ଭର୍ତ୍ତି ହୋଇ ରାସ୍ତାରେ ପ୍ରବାହିତ ହେଉଛି। ଏହାର ପାଣି ଦୋକାନ ମଧ୍ୟରେ ପଶୁଛି। ଡ୍ରେନ୍‌ଗୁଡିକୁ ସଫା କରାଯାଉ ନ ଥିବାବେଳେ ଏପରି ଅସୁବିଧା ହେଉଥିବା ଅଭିଯୋଗ ଆସିଛି। ବ୍ଲକ କଲୋନିକୁ ସଂଯୋଗ କରୁଥିବା ରାସ୍ତାରେ ଡ୍ରେନ୍ ପାଣି ଦିନ ତମାମ ରହୁଥିବାବେଳେ ସେହି ରାସ୍ତାରେ ସାଧାରଣ ଲୋକେ ଯାତାୟାତ କରିବାରେ ନାହିଁ ନ ଥିବା ଅସୁବିଧା ହେଉଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ବ୍ଲକ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

## ଉମରକୋଟ ତହସିଲଦାରଙ୍କୁ କରୋନା

ଉମରକୋଟ, ୧୫।୧(ସ୍ୱ.ପ୍ର.)- ଉମରକୋଟ ତହସିଲଦାର ଏନ୍. ଜଗତ ଜୀବନ ଚୌଧୁରୀ କରୋନା ସଂକ୍ରମିତ ଥିବା ଜଣାପଡିଛି। ସେ ନିଜ ସରକାରୀ ବାସଭବନରେ ସଙ୍ଗରୋଧରେ ଅଛନ୍ତି। ସେ ସୁସ୍ଥ ଅଛନ୍ତି। ତାଙ୍କ ସହ ଡାଇରେକ୍ଟ କଣ୍ଟାକ୍ଟରେ ଯେଉଁମାନେ ଆସିଛନ୍ତି ସେମାନେ ନିଜ କୋଭିଡ୍ ଟେଷ୍ଟ କରାଇ ନିଅନ୍ତୁ ବୋଲି ତହସିଲଦାର ଅନୁରୋଧ କରିଛନ୍ତି। ବର୍ତ୍ତମାନ ଉମରକୋଟ ତହସିଲ କାର୍ଯ୍ୟାଳୟରେ ପ୍ରାୟ ୩ଜଣ ପଜିଟିଭ ଅଛନ୍ତି। ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଆସିବା ପରେ ତହସିଲ କାର୍ଯ୍ୟାଳୟକୁ ବନ୍ଦ କରିବା ନେଇ ନିଷ୍ପତ୍ତି ହେବ ବୋଲି ତହସିଲଦାର ସୂଚନା ଦେଇଛନ୍ତି। ତହସିଲ କାର୍ଯ୍ୟାଳୟ ଶୀଘ୍ର ସାନିଟାଇଜ କରାଯିବ ବୋଲି ପୌର ପରିଷଦ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି ସୂଚନା ଦେଇଛନ୍ତି।

## କାଜାମ ମଦାନି ରାଜ୍ୟ ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚା ଉପସଭାପତି

ନବରଙ୍ଗପୁର/ଉମରକୋଟ, ୧୫।୧(ବି.ପ୍ର./ସ୍ୱ.ପ୍ର.)- ଭାଜପା ନେତା କାଜାମ ମଦାନି ରାଜ୍ୟ ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚା ଉପସଭାପତି ଭାବେ ମନୋନୀତ ହୋଇଛନ୍ତି। ରାଜ୍ୟ ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚା ରାଜ୍ୟ ସଭାପତି ସିକନ୍ଦର ଅଲ୍ଲୀ ନିଜ ପତ୍ରରେ ମଦାନିଙ୍କୁ ଜଣାଇଛନ୍ତି। ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ ମଦାନିଙ୍କୁ ଏହି ନୂତନ ନିଯୁକ୍ତି ମିଳିଥିବା ରାଜ୍ୟ ସଭାପତି ନିଜ ପତ୍ରରେ ଉଲ୍ଲେଖ କରିଛନ୍ତି।

# ଦୋଷୀ କର୍ମଚାରୀଙ୍କୁ ଘଣ୍ଟଘୋଡ଼ା

**କାଳିଆ,ପିଏମ୍ କିଷାନ ଯୋଜନାରେ ଅର୍ଥ ବାଟମାରଣା**

ବୈପାରିଗୁଡ଼ା,୧୫।୧(ଡି.ଏନ୍.ଏ.)

କୋରାପୁଟ ଜିଲା ବୈପାରିଗୁଡ଼ା ବ୍ଲକ ଅନ୍ତର୍ଗତ ଦୋରାଗୁଡ଼ା ପଞ୍ଚାୟତର କସମଗୁଡ଼ା ଗ୍ରାମର କେତେଜଣ ହିତାଧିକାରୀଙ୍କ କାଳିଆ, ପିଏମ୍ କିଷାନ ଯୋଜନା ଅର୍ଥ ପ୍ରଦାନରେ ବାଟମାରଣା ସମ୍ପର୍କିତ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ବୁଧବାର କୋରାପୁଟ ଡିଭିଜନ ପକ୍ଷରୁ ଏହାର ତଦନ୍ତ କରାଯାଇଛି। ଡିଭିଜନର ୨ ଜଣ ତଦନ୍ତ ଅଧିକାରୀ ଦୋରାଗୁଡ଼ା ବ୍ରାଞ୍ଚ ପୋଷ୍ଟ ଅଫିସକୁ ଯାଇ ଅଭିଯୋଗକାରୀ କସମଗୁଡ଼ା ଗ୍ରାମର ସନା ପରଜା ଏବଂ ଡମାଇ ପରଜାଙ୍କ ବୟାନ ରେକର୍ଡ କରିଛନ୍ତି। ଅନ୍ୟ ଜଣେ ଅଭିଯୋଗକାରୀ ରାମ ପରଜା ଅନୁପସ୍ଥିତ ଥିଲେ। ତେବେ ଏ ସମ୍ପର୍କରେ ଡାକ ବିଭାଗ ନିରୀକ୍ଷକ ଶ୍ରୀକାନ୍ତ ମହଲାଙ୍କୁ ପଚାରିବାରୁ ସମସ୍ତ ଅଭିଯୋଗକାରୀ ଟଙ୍କା ପାଇଛନ୍ତି ବୋଲି ପ୍ରକାଶ କରିଥିଲେ। ତେବେ ଅଭିଯୋଗକାରୀଙ୍କଠାରୁ ଅଭିଯୋଗ ପାଇବା ପରେ ସମ୍ପୃକ୍ତ ପୋଷ୍ଟମାଷ୍ଟର ତରବରିଆ ଭାବେ ହିତାଧିକାରୀଙ୍କ ଘରକୁ ଯାଇ ଟଙ୍କା ଫେରାଇବା ସମ୍ପର୍କରେ ପଚାରିବାରୁ ଏନେଇ ସେମାନଙ୍କ ପାଖରେ କୌଣସି ମ୍ୟାଟେରିଆଲ ଏଭିଡିଏନ୍ସ ନାହିଁ। ତେଣୁ ସମ୍ପୃକ୍ତ ପୋଷ୍ଟ ମାଷ୍ଟରଙ୍କୁ ଦୋଷ ଦେଇହେବ ନାହିଁ ବୋଲି କହିଥିଲେ। ଫଳରେ ତଦନ୍ତର ନିରପେକ୍ଷତାକୁ ନେଇ ପ୍ରଶ୍ନ ଉଠିଛି। ଅଭିଯୋଗକାରୀ ସମସ୍ତେ ଅଶିକ୍ଷିତ ହୋଇଥିବାରୁ ପୂର୍ବରୁ ଲେଖା ହୋଇଥିବା ବୟାନ ତଳେ ଦସ୍ତଖତ କରିଥିଲେ। ଏ ସମ୍ପର୍କରେ ସମ୍ପୃକ୍ତ ପୋଷ୍ଟ ମାଷ୍ଟର ପ୍ରଶାନ୍ତ ସାହୁଙ୍କୁ ପଚାରିବାରୁ ସେ ଚତୁରତାର ସହ ସନାଙ୍କ ବଳକା ଅର୍ଥ ତାଙ୍କ ଘରକୁ ଯାଇ ଫେରାଇଥିଲେ। ସେହିପରି ଅନ୍ୟ ଜଣେ ଅଭିଯୋଗକାରୀ ରାମ ପରଜାଙ୍କୁ ମଧ ୭ ହଜାର ଟଙ୍କା ଫେରାଇଥିଲେ। ପ୍ରଶାସନ ପକ୍ଷରୁ ଏହାର ନିରପେକ୍ଷ ତଦନ୍ତ କରାଯିବାକୁ ଦାବି ହେଉଛି।



ମାଲକାନଗିରିର ଏକ ଚୂଆରୁ ମହିଳାମାନେ ପାନୀୟ ଜଳ ସଂଗ୍ରହ କରୁଛନ୍ତି ।

# ମୁମ୍ବାଇରେ ମାଲକାନଗିରିର ୧୩ ଆଦିବାସୀ ପିଲା

ମାଲକାନଗିରି,୧୫।୧ (ଡି.ଏନ୍.ଏ.)

କାହା ପାଖରେ ପ୍ରତିଭା ଅଛି ତ ସୁଯୋଗ ନାହିଁ, ଆଉ କାହା ପାଖରେ ସୁଯୋଗ ଅଛି ତ ପ୍ରତିଭା ନାହିଁ। ଯେଉଁଠି ପ୍ରତିଭା ଅଛନ୍ତି ସେଠାରେ ସୁଯୋଗ ସୃଷ୍ଟି ହୋଇ ଅଞ୍ଚଳ ପାଇଁ ଗୌରବ ଆଣିଥାଏ। ଏପରି ଦେଖିବାକୁ ମିଳିଛି ମାଲକାନଗିରି ଜିଲା କ୍ଷେତ୍ରରେ। ଏହି ଉପାନ୍ତ ଜିଲାର ବଣମଲ୍ଲୀମାନେ ଦେଶ ବିଦେଶରେ ଏବେ ସୃଷ୍ଟି କରିଛନ୍ତି ସ୍ୱତନ୍ତ୍ର ପରିଚୟ। କେତେବେଳେ ମାଓବାଦୀ ହିଂସା ପାଇଁ ତ କେତେବେଳେ ଭିନ୍ନ କିଛି ପରିଚୟ ତିଆରି କରିବାକୁ ସକ୍ଷମ ହୋଇଛନ୍ତି ଏହି ଆଦିବାସୀ ଅଞ୍ଚଳର ପିଲାମାନେ। ନିଜର ସାହସିକତା ଦେଖାଇଛନ୍ତି ଜାତୀୟ ମଞ୍ଚରେ। ନିଜ ଅଞ୍ଚଳ ପାଇଁ ଗୌରବ ଆଣିବାକୁ ସୁଦୂର ମୁମ୍ବାଇ ମାୟାନଗରୀରେ ପହଞ୍ଚିଛନ୍ତି ୧୩ ଆଦିବସୀ ପିଲା। ମାଆବାପାଙ୍କୁ ହରାଇଥିବା ଏହି ପିଲାମାନେ ସୋନି ଟିଭି ପରଦାରେ ନିଜର ଦୁଃସାହସିକ କଳା ପରିବେଷଣକରି ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରି ଅଞ୍ଚଳ ପାଇଁ ଆଣିଛନ୍ତି ଗୌରବ।

ପିଲାଙ୍କ ପ୍ରତିଭାକୁ ଖୋଜି ବାହାର କରିଛନ୍ତି ବିଭିନ୍ନ କଳାର ପୂଜାରୀ ବିନାଶ ମିଶ୍ର। ନିଜସ୍ୱ ଉଦ୍ୟମରେ ଏହି ଶିଶୁମାନଙ୍କୁ ଆଣି ନିଜ ପାଖରେ ରଖି ସେମାନଙ୍କ ପାଠପଢ଼ା ସହ ଖାଇବା ରହିବା ବ୍ୟବସ୍ଥା କରିଛନ୍ତି ବିନାଶ। ଏଥିସହ ଅଲ୍ ଓଡ଼ିଶା ମାର୍ଶାଲ ଆର୍ଟ ଏକାଡେମୀ ମାଧ୍ୟମରେ ଏହି ଶିଶୁଙ୍କୁ ସେ ଦେଉଛନ୍ତି ଜୁଡୋ ଓ ମାର୍ଶାଲ ଆର୍ଟ ଶିକ୍ଷା। ସେମାନଙ୍କୁ ତାଲିମ ସହ ଅନ୍ୟାନ୍ୟ କୌଶଳ ଶିଖାଇବା ପରେ ଏହି ପିଲାମାନେ ଏବେ ଟିଭି ପରଦାରେ ନିଜ ପ୍ରତିଭାର ପରିଚୟ ଦେଖାଉଛନ୍ତି। ପ୍ରତିଭାର ବିକାଶ ଲାଗି ସୁଯୋଗ ପାଉ ନ ଥିବା ଏହି ପିଲାମାନେ ଏବେ ପହଞ୍ଚିଛନ୍ତି ମାୟାନଗରୀ ମୁମ୍ବାଇରେ। ସୋନି ଟିଭିର ରିଆଲିଟି ଶୋ ଇଣ୍ଡିଆ ଗ୍ରେଟ୍ ଟ୍ୟାଲେଣ୍ଟର ପ୍ରଥମ ରାଉଣ୍ଡରୁ ଉନ୍ନୀତ ହୋଇ ପହଞ୍ଚିଛନ୍ତି ଦ୍ୱିତୀୟ ରାଉଣ୍ଡରେ।



ଜିଲାର ପିଲାମାନେ ନିଜ ପ୍ରତିଭା ପ୍ରଦର୍ଶନ କରୁଛନ୍ତି।

# ସମାନ କାମକୁ ସମାନ ଦରମା ଦାବିକଲା ଓଡ଼ିଶା ଅମଲା ସଂଘ

ଜୟପୁର, ୧୫।୧ (ନି.ପ୍ର.)

ରାଜ୍ୟସ୍ତରୀୟ ଅମଲାଙ୍କ ଦରମା ସମୀକରଣ ନେଇ ଓଡ଼ିଶା ଅମଲା ସଂଘ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛି। ସମାନ କାମକୁ ସମାନ ଦରମା ଦେବା ଦାବିକୁ କୋରାପୁଟ ଜିଲା ଅମଲା ସଂଘ ସମର୍ଥନ କରିଛି। ରାଜ୍ୟରେ କାର୍ଯ୍ୟରତ ଜିଲାସ୍ତରୀୟ ଅମଲାଙ୍କ ପ୍ରବେଶିକା ଶିକ୍ଷାଗତ ସ୍ନାତକ ଯୋଗ୍ୟତା ପ୍ରଚଳନରେ ଟାଳଟୁଳ ନୀତି ଅବଲମ୍ବନ ହେତୁ ଜିଲାସ୍ତରୀୟ ଅମଲାଙ୍କ ମନରେ ନୈରାଶ୍ୟ ପ୍ରକାଶ ପାଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ସ୍ନାତକ ଯୋଗ୍ୟତା ଥାଇ ରାଜ୍ୟରେ କାର୍ଯ୍ୟରତ ଅନ୍ୟବର୍ଗର କର୍ମଚାରୀଙ୍କ ଦରମା ୯ ହଜାର ୩ ଶହ ଏବଂ ଗ୍ରେଡ୍ ପେ ୪ ହଜାର ୨ ଶହ ରହୁଥିବା ବେଳେ ଜିଲାସ୍ତରୀୟ ଅମଲାଙ୍କ ପ୍ରତି ପ୍ରଶାସନ ବୈମାତୃକ ମନୋଭାବ ପୋଷଣ କରୁଥିବାରୁ ସେମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ସରକାରଙ୍କ ସମସ୍ତ ଯୋଜନାକୁ ସଫଳ ରୂପାୟନ କରିବାରେ ଜିଲାସ୍ତରୀୟ ଅମଲାଙ୍କ ପ୍ରମୁଖ ଭୂମିକା ରହୁଥିବା ବେଳେ ସେମାନଙ୍କୁ ନ୍ୟାଯ୍ୟ ଦାବିରୁ ବଞ୍ଚିତ କରିବା ସଂଘରେ ଅସନ୍ତୋଷ ସୃଷ୍ଟି କରିଛି। ଏନେଇ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଓଡ଼ିଶା ଅମଲା ସଂଘର ରାଜ୍ୟ ସାଧାରଣ ସମ୍ପାଦକ ପ୍ରସନ୍ନ ତ୍ରିପାଠୀ ଓ ସଭାପତି ନାରାୟଣ ଦାସ ଦାବି କରିଛନ୍ତି।

## ନେଗେଟିଭ୍ ଚରିତ୍ରରେ ଟବୁ



ମୁମ୍ବାଇ: କିଛିଦିନ ହେଲା ବଡ଼ ପରଦାରୁ ଦୂରେଇ ଯାଇଥିବା ବଲିଉଡ୍ ନାୟିକା ଟବୁ ଏଥର ସମ୍ପୂର୍ଣ୍ଣ ଭିନ୍ନ ଚରିତ୍ରରେ ଦର୍ଶକଙ୍କ ମନୋରଞ୍ଜନ କରିବେ। ଆସମାନ ଭରଦ୍ୱାଜଙ୍କ ଅପ୍‌କମିଂ ଫିଲ୍ମ 'କୁତ୍ତେ'ରେ ଟବୁ ନେଗେଟିଭ୍ ରୋଲ୍ କରିବେ ବୋଲି ଜଣାପଡ଼ିଛି। ତାଙ୍କୁ ଜଣେ ଦୁର୍ନୀତିଖୋର କନଷ୍ଟେବଳ କ୍ୟାରେକ୍ଟରରେ ଦେଖିବାକୁ ମିଳିବ। ଟବୁଙ୍କ ବ୍ୟତୀତ ଅର୍ଜୁନ କପୁର, କୋଙ୍କଣା ସେନ ଶର୍ମା ଓ ରାଧିକା ମଦାନ ମଧ ଫିଲ୍ମରେ ରହିଛନ୍ତି। ଏଥିରେ ଅର୍ଜୁନ କପୁର ପୋଲିସ କନଷ୍ଟେବଳ ହୋଇଥିବାବେଳେ କୋଙ୍କଣା ସେନ ଶର୍ମା ଜଣେ ମାଓବାଦୀ, ରାଧିକ ମଦାନ ଜଣେ କଲେଜ ଛାତ୍ରୀ ଭୂମିକାରେ ନଜର ଆସିବେ। 'କୁତ୍ତେ'ର ଅଧିକାଂଶ ଭାଗ ଶୁଟିଂ ଶେଷ ହୋଇଛି।

# କାମ ନିମ୍ନମାନର, ଯାଞ୍ଚ କରୁନାହାନ୍ତି ଅଧିକାରୀ

ନନ୍ଦାହାଣ୍ଡି,୧୫।୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଦହଣା ଗ୍ରାମରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଏକ କୋଠା କାମ ଚାଲିଛି। ଏଠାରେ କିନ୍ତୁ କାର୍ଯ୍ୟ ସମ୍ବନ୍ଧୀୟ କୌଣସି ସୂଚନା ଫଳକ ଲଗାଯାଇ ନାହିଁ। ଏହି କାମ ନିମ୍ନମାନର ହେଉଛି। କାମ ତଦାରଖ କରିବାକୁ ଅଧିକାରୀ ଆସୁ ନ ଥିବା ନେଇ ମଧ ଅଭିଯୋଗ ରହିଛି।

କୋଠା ନିର୍ମାଣ କାର୍ଯ୍ୟ ନିୟମାନୁଯାୟୀ ଛାତରେ କଂକ୍ରିଟ ପଡିବା ପୂର୍ବରୁ ଲୁହାଛଡ଼ କେତେ ବ୍ୟବଧାନରେ ରହିବ ତାହାର ତଦାରଖ ହେବା କଥା। ସେହିଭଳି ଯନ୍ତ୍ରୀଙ୍କ ଉପସ୍ଥିତିରେ ସିମେଣ୍ଟ, ବାଲି ଓ ଗୋଡ଼ିର ମାନ ଯାଞ୍ଚ କରି ଛାତର ଢଳେଇ କାମ କରିବା ଜରୁରୀ। କିନ୍ତୁ ଉକ୍ତ କାମବେଳେ ଯନ୍ତ୍ରୀ ଅନୁପସ୍ଥିତ ଥିଲେ। ସେହିଭଳି ଅଧିକ ବ୍ୟବଧାନରେ ଲୁହାଛଡ଼ ବନ୍ଧାଯିବା ସହ ଅପମିଶ୍ରିତ ନିମ୍ନମାନର ବାଲି ଏବଂ ସାଧାରଣ ସିମେଣ୍ଟ ବ୍ୟବହାର କରାଯାଉଛି। ଏହାଦ୍ୱାରା ଛାତଟି କମ୍ ଦିନରେ ଭୁଶୁଡ଼ି ପଡିବା ଆଶଙ୍କା ରହିଛି। କୋଠା ନିର୍ମାଣ ହେବା ପରେ ସରସ୍ୱତୀ ଶିଶୁମନ୍ଦିରକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। ପିଲାଙ୍କ ବ୍ୟବହାର ଉପଯୋଗୀ ଗୃହରେ ନିମ୍ନମାନର କାର୍ଯ୍ୟ କରାଯାଉଛି। ତାହା କେତେଦିନ ବ୍ୟବହାରରେ ଆସିବ, କିଛି ଦୁର୍ଘଟଣା ଘଟିଲେ ଉତ୍ତରଦାୟୀ କିଏ ହେବେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଅଭିଯୋଗ ସମ୍ବନ୍ଧରେ ପଚାରିବାକୁ ବିଭାଗୀୟ ଏଇ ଶରତ ମାଝିଙ୍କୁ ୯୯୩୮୧୪୦୧୨୫ରେ ଓ ଜେଇ ସରୋଜ ପଟ୍ଟନାୟକଙ୍କୁ ୯୪୩୭୯୭୬୪୦୪ରେ ଯୋଗାଯୋଗ କରିଥିଲେ ମଧ ସେମାନେ ଫୋନ ଉଠାଇ ନ ଥିଲେ। ଏହି କାର୍ଯ୍ୟର ଠିକ୍ ଯାଞ୍ଚ କରାଯିବା ନିହାତି ଆବଶ୍ୟକ ବୋଲି ସାଧାରଣରେ ଦାବି ହେଉଛି।



ଜୟପୁରରେ ଗେଟ ତାଲାଭାଙ୍ଗି ଦୁର୍ବୃତ୍ତମାନେ ବାଇକ୍ ଚୋରି କରି ନେଉଛନ୍ତି ।

## ୧ କି.ମି. ଗଲେ ମିଳେ ମୁନ୍ଦାଏ ପାଣି

ମାଲକାନଗିରି/କୁଡୁମୁଲୁଗୁମ୍ମା, ୧୫।୧(ଡି.ଏନ୍.ଏ.)

ଖଇରପୁଟ ବ୍ଲକ ପରକନମାଲା ପଞ୍ଚାୟତର ରାଙ୍ଗିଣିଗୁଡ଼ା ଗ୍ରାମରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଗ୍ରାମରେ ଥିବା ୩ଟି ନଳକୂପ ଅଚଳ ହୋଇପଡ଼ିଥିବା ବେଳେ ରହିଥିବା ଗୋଟିଏ ନଳକୂପରୁ ଗୋଳିଆପାଣି ବାହାରୁଛି। ଫଳରେ ଏହା ଗ୍ରାମବାସୀଙ୍କ ପାଇଁ ପିଇବା ଉପଯୋଗୀ ହୋଇପାରୁନାହିଁ। ପାଣି ମୁନ୍ଦାଏ ପାଇଁ ଗ୍ରାମବାସୀଙ୍କୁ ଜଙ୍ଗଲ ରାସ୍ତାରେ ୧ କି.ମି. ଯିବାକୁ ପଡୁଛି। ସେହି ପାଣି ପିଇ ଗ୍ରାମବାସୀ ବିଭିନ୍ନ ରୋଗର ଆକ୍ରାନ୍ତ ହେଉଛନ୍ତି। ରାଙ୍ଗିଣିଗୁଡ଼ାରେ ୪୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଏଠାରେ ପାନୀୟ ଜଳ ଅଭାବ ଗ୍ରାମବାସୀଙ୍କ ପାଇଁ ମୁଖ୍ୟ ସମସ୍ୟା ପାଲଟିଛି। ପ୍ରଶାସନ ପକ୍ଷରୁ ପାନୀୟ ଜଳ ସମସ୍ୟା ଦୂର କରିବାକୁ ସାଧାରଣରେ ଦାବି ହେଉଛି।

# ଜିଲା ପରିଷଦ ପ୍ରାର୍ଥୀ ଖୋଜିବାରେ ବ୍ୟସ୍ତ ରାଜନୈତିକ ଦଳ

ଉମରକୋଟ, ୧୫।୧(ସ୍ୱ.ପ୍ର.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ତାରିଖ ଘୋଷଣା ପରେ ଉମରକୋଟ ବ୍ଲକରେ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି। ରାଜନୈତିକ ଦଳଗୁଡ଼ିକ ପ୍ରାର୍ଥୀ ଖୋଜିବାରେ ବ୍ୟସ୍ତ। ୨୬ ପଞ୍ଚାୟତକୁ ନେଇ ଗଠିତ ଉମରକୋଟ ବ୍ଲକ। ଉମରକୋଟ ନିର୍ବାଚନ ମଣ୍ଡଳୀରେ ୧୧ ଓ ଝରିଗାଁ ନିର୍ବାଚନମଣ୍ଡଳୀରେ ୧୫ଟି ରହିଛି। ପୁରୁଣା ମୁହଁ ଜନତାଙ୍କ ବିଶ୍ୱାସଭାଜନ ହୋଇ ପାରିବେ କି ନାହିଁ ଭାବି ନୂଆ ମୁହଁ ପ୍ରତି ଦୃଷ୍ଟି ଦେଇ ଉମରକୋଟରେ ସମସ୍ତ ରାଜନୈତିକ ଦଳ ଗୋଟିଚାଳନା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିବା ଜଣାପଡୁଛି। ଉମରକୋଟ ବ୍ଲକରେ ୨୪ରେ ନିର୍ବାଚନ ପାଇଁ ତାରିଖ ଧାର୍ଯ୍ୟ ହୋଇଛି। ଗତ ନିର୍ବାଚନରେ ୩ ଜିଲା ପରିଷଦ ଆସନ ମଧ୍ୟରୁ ବିଜେଡି, ଭାଜପା ଓ କଂଗ୍ରେସ ଗୋଟିଏ ଲେଖାଏ ଜିଲା ପରିଷଦ ହତେଇବାରେ ସଫଳ ହୋଇଥିଲେ। ଜିଲା ପରିଷଦ ଜୋନ-୨ ଓ ୩ ପାଇଁ ପ୍ରାର୍ଥୀ ଚୟନ ସରିଯାଇଥିବା ନେଇ ସୂଚନା ଦେଇଛନ୍ତି ବିଜେଡି ବ୍ଲକ ସଭାପତି ଅଜିତ ପ୍ରଧାନ। କିନ୍ତୁ ଜିଲା ପରିଷଦ ଜୋନ-୧ ପାଇଁ ଆଶାୟୀଙ୍କ ତାଲିକା ଅଧିକ ଥିବାରୁ ଚୟନରେ ବିଳମ୍ବ ହେଉଛି ବୋଲି ସୂଚନା ମିଳିଛି। ତିନୋଟି ଜୋନରେ ପ୍ରାର୍ଥୀ ଚୟନ ହେବାପରେ ରାଜ୍ୟ ସଭାପତିଙ୍କ ନିକଟକୁ ପଠାଯିବ। ତାଙ୍କ ମୋହର ପରେ ଚୂଡାନ୍ତ ତାଲିକା ଘୋଷଣା କରାଯିବ ବୋଲି ସୂଚନା ମିଳିଛି। କଂଗ୍ରେସ ମଧ ଜୋନ ୧ ଓ ୩ ପାଇଁ ପ୍ରାର୍ଥୀ ଚୟନ କରିସାରିଛି। ଜୋନ ୨ ପାଇଁ ପ୍ରାର୍ଥୀ ଚୟନ ଶୀଘ୍ର ସରିବ ବୋଲି ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ବାବୁଲା ପଟ୍ଟନାୟକ ଓ ନଗର ସଭାପତି ମାର୍କଣ୍ଡ ସାହୁ କହିଛନ୍ତି। ଚୂଡାନ୍ତ ପ୍ରାର୍ଥୀ ତାଲିକା ଜିଲା ସଭାପତିଙ୍କ ମାଧ୍ୟମରେ ରାଜ୍ୟସ୍ତରକୁ ପଠାଯିବ। ତାଙ୍କ ସ୍ୱୀକୃତି ପରେ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ବୋଲି ସେ କହିଛନ୍ତି। ଭାଜପା କୌଣସି ଜୋନ ପାଇଁ ପ୍ରାର୍ଥୀ ଚୟନ କରିନାହିଁ। ପ୍ରାର୍ଥୀ ଚୟନ ପାଇଁ ଘନ ଘନ ବୈଠକ ବସୁଛି ଓ ସମସ୍ତ ଜୋନ୍ ପାଇଁ ଶୀଘ୍ର ପ୍ରାର୍ଥୀ ଚୟନ କରାଯିବ। ରାଜ୍ୟ ନେତୃମଣ୍ଡଳୀଙ୍କ ମୋହର ପରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ ବୋଲି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ସାହୁ ଓ ନଗର ସଭାପତି ସୁରେଶ ଆଚାର୍ଯ୍ୟ କହିଛନ୍ତି।

# ଗାଁ ମୁହାଁ ଭାଲୁ, ଲୋକେ ଆତଙ୍କିତ

ନନ୍ଦାହାଣ୍ଡି,୧୫।୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଦହଣା ଗ୍ରାମ ଉପକଣ୍ଠରେ ଥିବା ହନୁମାନ ଓ ଶିବ ମନ୍ଦିରରେ ଭାଲୁ ବୁଲୁଛନ୍ତି। ସନ୍ଧ୍ୟା ହେବା ମାତ୍ରେ ମା ଭାଲୁ ନିଜର ଦୁଇ ଛୁଆକୁ ଧରି ଖାଦ୍ୟ ଅନ୍ୱେଷଣରେ ଗାଁ ଭିତରକୁ ଚାଲି ଆସୁଛି। ଭାଲୁମାନେ ଶୁକ୍ରବାର ରାତିରେ ଖାଦ୍ୟ ପାଇଁ ପ୍ରଥମେ ଗାଁ ଉପକଣ୍ଠରେ ଥିବା ହନୁମାନ ଓ ଶିବମନ୍ଦିର ଭିତରକୁ ପଶିବାର ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଶୁକ୍ରବାର ମକର ସଂକ୍ରାନ୍ତି ଉପଲକ୍ଷେ ମନ୍ଦିରରେ ପୂଜା ନଡ଼ିଆ ଓ ଅନ୍ୟ ପ୍ରସାଦ ଥିଲା। ଭାଲୁମାନେ ତାହାକୁ ଆହାର ଭାବି ଖାଇବାକୁ ମନ୍ଦିର ଭିତରେ ପଶିବାକୁ ଉଦ୍ୟମ କରୁଥିବା ଉକ୍ତ ଭିଡିଓରେ ଦେଖାଦେଇଛି। ଏ ପର୍ଯ୍ୟନ୍ତ ଭାଲୁ କାହାର କିଛି କ୍ଷତି କରିନାହିଁ। ଭବିଷ୍ୟତରେ ଆକ୍ରମଣ କରିପାରନ୍ତି ବୋଲି ଗ୍ରାମବାସୀ ଆଶଙ୍କା କରିଛନ୍ତି। ଏହି ରାସ୍ତାଟି ଇନ୍ଦ୍ରାବତୀରୁ ନବରଙ୍ଗପୁର ମୁଖ୍ୟାଳୟ ଯାତାୟାତର ମୁଖ୍ୟ ମାର୍ଗ। ଏହି ରାସ୍ତା ଦେଇ ରାତିରେ ବି ଯାନବାହନ ଚଳାଚଳ କରୁଛି। ହିଂସ୍ରଜନ୍ତୁମାନେ କେତେବେଳେ କାହାକୁ ଆକ୍ରମଣ କରିପାରନ୍ତି ବୋଲି ଗ୍ରାମବାସୀ ଚିନ୍ତାବ୍ୟକ୍ତ କରିଛନ୍ତି।



ନନ୍ଦାହାଣ୍ଡି ବ୍ଲକ ଦହଣା ଗ୍ରାମ ଉପକଣ୍ଠରେ ଥିବା ହନୁମାନ ମନ୍ଦିର ନିକଟରେ ବୁଲୁଥିବା ଭାଲୁ।

## ରାଇଘର ଥାନା ସାନିଟାଇଜ୍

ରାଇଘର, ୧୫।୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ଥାନାର ଜଣେ କର୍ମଚାରୀ କରୋନା ଆକ୍ରାନ୍ତ ହୋଇଛନ୍ତି। ଏହାପରେ ଶନିବାର ସକାଳେ ଅଗ୍ନିଶମ ବିଭାଗ ପକ୍ଷରୁ ଥାନାକୁ ସାନିଟାଇଜ୍ କରାଯାଇଛି। ସହରରେ ଏବେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ପ୍ରଶାସନ ପକ୍ଷରୁ ମାଇକରେ ସଚେତନତା ବାର୍ତ୍ତା ପ୍ରଚାର କରାଯାଉଛି। ମାସ୍କ ଯାଞ୍ଚ କଡ଼ାକଡ଼ି କରିବାକୁ ଦାବି ହେଉଛି। ବିନା ମାସ୍କ ରେ ଲୋକେ ଯାତାୟତ ସହ ବ୍ୟବସାୟୀ ସମଦୁରତାକୁ ଗୁରୁତ୍ୱ ଦେଉ ନାହାନ୍ତି । ଛତିଶଗଡ ସୀମାନ୍ତ ଅଞ୍ଚଳରେ ଆଦିବାସୀ ଅଧୁଷିତ ଦୁର୍ଗମ ଅଞ୍ଚଳର ଲୋକଙ୍କୁ ସଚେତନ କରିବାର ଆବଶ୍ୟକତା ଅଧିକ ରହିଛି।

## ଘର ଭିତରୁ ବାଇକ୍ ଚୋରି

ଜୟପୁର,୧୫।୧(ନି.ପ୍ର.)

ଜୟପୁର ସହରର କୁନ୍ଦାରିଗୁଡ଼ା, ଗୁପ୍ତେଶ୍ୱର ନଗରରେ ରହୁଥିବା ଲିଙ୍ଗରାଜ ପତିଙ୍କ ଶନିବାର ବାଇକ୍ ଚୋରି ହୋଇଛି। ୨ ଜଣ ଦୁର୍ବୃତ୍ତ ବାଇକ୍ ଚୋରି କରୁଥିବା ବେଳର ଦୃଶ୍ୟ ସିସି କ୍ୟାମେରାରେ କଏଦ ହୋଇଛି। ଦୁର୍ବୃତ୍ତମାନେ କାନ୍ଥ ପାଚେରି ଡେଇଁ ଗେଟ୍ ତାଲା ଭାଙ୍ଗି ଏହା ଚୋରି କରି ନେଇଛନ୍ତି। ସକାଳୁ ଉଠି ଲିଙ୍ଗରାଜ ଘରେ ବାଇକ୍ ନ ଥିବା ଏବଂ ଗେଟ୍‌ର ତାଲା ଭଙ୍ଗାଯାଇଥିବା ଦେଖି ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲାର ତଦନ୍ତ ଆରମ୍ଭ କରିଛି।

# ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ଉମରକୋଟ ପୌର ପରିଷଦ ଅଧ୍ୟକ୍ଷ ପଦବୀ

ଉମରକୋଟ, ୧୫।୧(ସ୍ୱ.ପ୍ର.)

ଉମରକୋଟ ପୌର ପରିଷଦ ଅଧ୍ୟକ୍ଷ ପଦ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ଏ ନେଇ ଶନିବାର ରାଜ୍ୟ ନିର୍ବାଚନ କମିଶନର ଘୋଷଣା କରିଛନ୍ତି। ସାଧାରଣ ଓ ଅନୁସୂଚିତ ଜାତିର ଆଶାୟୀଙ୍କ ମଧ୍ୟରେ ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି। ବର୍ତ୍ତମାନ ଉମରକୋଟ ସହରର ଜନସଂଖ୍ୟା ପ୍ରାୟ ୪୦ହଜାର। ୨୦୦୩ରୁ ୨୦୦୮ ପର୍ଯ୍ୟନ୍ତ ସାଧାରଣ ବର୍ଗର ପି.ରାବଣା ରାଓ ଅଧ୍ୟକ୍ଷ ଥିଲେ। ୨୦୦୮ ରୁ ୨୦୧୩ ପର୍ଯ୍ୟନ୍ତ ସାଧାରଣ ବର୍ଗର ଝାଡ଼େଶ୍ୱର ମହାନ୍ତି ଅଧ୍ୟକ୍ଷ ଥିଲେ ଓ ୨୦୧୩ ରୁ ୨୦୧୮ ପର୍ଯ୍ୟନ୍ତ ସାଧାରଣ ବର୍ଗର ମହିଳା ପିଙ୍କି ଅଗ୍ରୱାଲ ଉମରକୋଟ ପୌର ପରିଷଦର ଅଧ୍ୟକ୍ଷା ଥିଲେ। ଉମରକୋଟ ସହରରେ ସାଧାରଣ ବର୍ଗର ପୁରୁଷଙ୍କ ପାଇଁ ସଂରକ୍ଷଣ ରହିବ ଓ ଅଧ୍ୟକ୍ଷ/ଅଧ୍ୟକ୍ଷା ପଦ ପାଇଁ ସିଧାସଳଖ ନିର୍ବାଚନ ହେବ ଭାବି ସହରରେ ବିଭିନ୍ନ ବ୍ୟକ୍ତିଙ୍କ ନାମ ଚର୍ଚ୍ଚାରେ ଥିଲା। ଏହା ପରେ ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟିଛି। କିନ୍ତୁ ରାଜ୍ୟ ନିର୍ବାଚନ କମିଶନ ୧୫ ଦିନ ଅଭିଯୋଗ ପାଇଁ ରଖିଛନ୍ତି। ବର୍ତ୍ତମାନ ଗ୍ରାମପଞ୍ଚାୟତ ନିର୍ବାଚନ ପାଇଁ ସବୁ ଦଳ ପ୍ରାର୍ଥୀ ଚୟନରେ ବ୍ୟସ୍ତ ଥିବା ବେଳେ ଏହି ବିଜ୍ଞପ୍ତିକୁ ଆଧାର କରି କେହି ଅଭିଯୋଗ କରୁଛନ୍ତି ନା ଚୁପ୍ ରହୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ପୌରାଧ୍ୟକ୍ଷ ଆସନ ସଂରକ୍ଷଣକୁ ନେଇ ରାୟଗଡ଼ା ରାଜନୀତି ସରଗରମ

ରାୟଗଡ଼ା ଅଫିସ/ଗୁଣପୁର,୧୫।୧(ଡି.ଏନ୍.ଏ.)–

ପୌର ପରିଷଦର ଅଧ୍ୟକ୍ଷ ନିର୍ବାଚନ ପାଇଁ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ପ୍ରକାଶନର ୧୫ ଦିନ ମଧ୍ୟରେ ନିର୍ଦ୍ଦେଶକଙ୍କ ନିକଟରେ ଆପତ୍ତି ଅଭିଯୋଗ ଗ୍ରହଣ କରିବା ପାଇଁ ଦିନ ଧାର୍ଯ୍ୟ ହୋଇଛି। ଏହି କ୍ରମରେ ରାୟଗଡ଼ା ପୌର ପରିଷଦ ଆସନ ଅଣ ସଂରକ୍ଷିତ ରହିଥିବାବେଳେ ଗୁଣପୁର ପୌର ପରିଷଦର ଅଧ୍ୟକ୍ଷ ଆସନ ମହିଳାଙ୍କ ପାଇଁ ଏବଂ ଗୁଡ଼ାରି ଏନ୍‌ଏସି ଅଧ୍ୟକ୍ଷ ପଦ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଏହା ଏବେ ଜିଲା ରାଜନୀତି ପାଣିପାଗକୁ ସରଗରମ କରିଛି।

ଗୁଣପୁରରେ ମହିଳା ପ୍ରାର୍ଥୀ ସବୁ ଦଳ ପାଇଁ ଏବେ ଚିନ୍ତାର କାରଣ ହୋଇଛି। ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସ ପକ୍ଷରୁ ମହିଳା ପ୍ରାର୍ଥୀଙ୍କୁ ନେଇ ଆରମ୍ଭ ହୋଇଛି ମାନସ ମନ୍ଥନ। ଗୁଣପୁର ପୌର ପରିଷଦ ଅଧ୍ୟକ୍ଷ ପାଇଁ ସବୁ ଦଳରେ ଅନେକ ପୁରୁଷ ଆଶାୟୀ ପ୍ରାର୍ଥୀ ଏବଂ ଦାବିଦାର ଥିଲେ। ଏବେ ମହିଳାଙ୍କ ପାଇଁ ଅଧ୍ୟକ୍ଷ ଆସନ ସଂରକ୍ଷିତ ହେବା ପରେ ପୁରୁଷ ଆଶାୟୀଙ୍କ ଅଧ୍ୟକ୍ଷ ହେବା ଆଶା ମଉଳି ଯାଇଛି। ଅଧ୍ୟକ୍ଷ ନିର୍ବାଚନ ସିଧାସଳଖ ହେବ ଭାବି ନେତାମାନେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରଖିଥିଲେ। ମହିଳାଙ୍କ ପାଇଁ ଆସନ ସଂରକ୍ଷିତ ହେବା ପରେ ସେମାନେ ଏବେ ନିଜ ସ୍ତ୍ରୀ, ଭଉଣୀ ଏବଂ ସମ୍ପର୍କୀୟ ମହିଳାମାନଙ୍କୁ ରାଜନୀତିରେ ଅବତୀର୍ଣ୍ଣ କରି ନିଜର ପ୍ରଭାବ ଦେଖାଇବା ପାଇଁ ଅଣ୍ଟା ଭିଡିଛନ୍ତି। ବିଜେଡିରେ ଅନେକ ନେତା ଆଶାୟୀ ପ୍ରାର୍ଥୀ ରହିଥିଲେ। ସେହିପରି ଭାଜପାରେ ମଧ ଦୁଇରୁ ତିନି ଜଣ ଆଶାୟୀ ରହିଥିଲେ। ମହିଳାଙ୍କ ପାଇଁ ଆସନ ସଂରକ୍ଷିତ ହେବା ପରେ ନେତାଙ୍କ ସବୁ ଯୋଜନା ଏବେ ଫସର ଫାଟିଛି। ୧୯୯୮ ନିର୍ବାଚନରେ ଗୁଣପୁର ଏନ୍‌ଏସି ଅଧ୍ୟକ୍ଷ ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିଲା। କଂଗ୍ରେସର ଏ. ଭାଗ୍ୟଲକ୍ଷ୍ମୀ ଅଧ୍ୟକ୍ଷା ରହିଥିଲେ। ୨୦୦୩ରେ ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ରହିଥିଲା। ଅସ୍ମିତା ବାଉରି ଅଧ୍ୟକ୍ଷା ହୋଇଥିଲେ। ତେବେ ସେ ଅନାସ୍ଥାର ଶିକାର ହୋଇଥିଲେ। ବି. ନାଗରତ୍ନମ ଅଧ୍ୟକ୍ଷା ହୋଇଥିଲେ। ୨୦୦୮ରେ ଏହି ଆସନ ଅଣ ସଂରକ୍ଷିତ ରହିଥିଲା ଏବଂ ଶିବ ପ୍ରସାଦ ଗୌଡ଼ ଅଧ୍ୟକ୍ଷ ହୋଇଥିଲେ। ୨୦୧୩ ନିର୍ବାଚନରେ ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷିତ ରହିଥିଲା। କବିତା ଶବର ଅଧ୍ୟକ୍ଷା ହୋଇଥିଲେ। ତାଙ୍କୁ ମଧ ଅନାସ୍ଥାରେ ବାହାର କରିବାକୁ ଭୋଟିଂ ହୋଇଥିଲା, କିନ୍ତୁ ସେ ବିଜୟୀ ହୋଇଥିଲେ। ୧୯୯୮ରେ ହିଁ ଅଧ୍ୟକ୍ଷ ପଦ କଂଗ୍ରେସ ଅକ୍ତିଆରରେ ଥିଲା। ଏହା ପରଠାରୁ ଅଧ୍ୟକ୍ଷ ପଦ ବିଜେଡି ଦଖଲରେ ରହିଛି। ୨୦୧୮ରେ ନିର୍ବାଚନ ହୋଇ ନ ଥିଲା। ଏନ୍‌ଏସିରୁ ଏବେ ଗୁଣପୁର ପୌର ପରିଷଦ ହୋଇଛି। ପୌର ପରିଷଦର ପ୍ରଥମ ଅଧ୍ୟକ୍ଷ ହେବାକୁ ପୁରୁଷ ଆଶାୟୀଙ୍କ ପ୍ରବଳ ଇଚ୍ଛା ରହିଥିଲା। ହେଲେ ସବୁ ଉପରେ ଏବେ ବିରାମ ଲାଗିଛି। ଏବେ ସବୁ ଦଳରେ ପୁଣି ଅଙ୍କକଷା ଆରମ୍ଭ ହୋଇଛି।




■ଗୁଣପୁରରେ ମହିଳା, ଗୁଡ଼ାରି ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ

■ପୁରୁଷ ଆଶାୟୀଙ୍କ ଯୋଜନା ଫସର ଫାଟିଲା

## ବିଶୃଙ୍ଖଳା କଲେ କଡା କାର୍ଯ୍ୟାନୁଷ୍ଠାନ: ଜିଲାପାଳ

କୋରାପୁଟ,୧୫।୧(ସ୍ୱ.ପ୍ର.)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକର କୋଟିଆ ପଞ୍ଚାୟତ ନିର୍ବାଚନରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶନିବାର ଜିଲାପାଳ ଅବଦାଲ ଏମ୍. ଅଖତାର କହିଛନ୍ତି। ଆସନ୍ତା ତ୍ରିସ୍ତରୀୟ ନିର୍ବାଚନରେ କୋଟିଆ ପଞ୍ଚାୟତର ୧୩ଟିଯାକ ୱାର୍ଡ ସହ ଜିଲାର ୨୯୭୩ ଟି ୱାର୍ଡରେ ନିର୍ବାଚନ ହେବ ବୋଲି ଜିଲାପାଳ କହିଛନ୍ତି। ବିଗତ ଦିନରେ ମାଓବାଦୀଙ୍କ ଉପଦ୍ରବ ଯୋଗୁ ପ୍ରଭାବିତ ଅଞ୍ଚଳ କୁହାଯାଉଥିବା ଗ୍ରାମଗୁଡିକରେ ଏବେ ଶାନ୍ତି ପ୍ରତିଷ୍ଠା ହୋଇଥିବାରୁ ସେହି ଅଞ୍ଚଳରେ ନିର୍ବାଚନ କରିବାକୁ ଜିଲା ପ୍ରଶାସନ ସମସ୍ତ ପଦକ୍ଷେପ ନେଇଛି। ଜିଲାରେ ପଞ୍ଚାୟତ ନିର୍ବାଚନକୁ ଶାନ୍ତିଶୃଙ୍ଖଳାରେ ଶେଷ କରିବାକୁ ବ୍ୟାପକ ପୋଲିସ ମୁତୟନ ହେବେ । ଯେଉଁମାନେ ବିଶୃଙ୍ଖଳା ସୃଷ୍ଟିକରିବେ ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ହେବ ।

